# NATIONAL NEWS BULLETIN (ODIA)

**16 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସାଇପ୍ରସ୍ ର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ବର୍ଦ୍ଧିତ ହେଲେ ପ୍ରଧାନମନ୍ତ୍ରୀ

– ଜି-୭ ଶିଖର ବୈଠକରେ ଯୋଗଦେବାକୁ ସାଇପ୍ରସ୍‌ରୁ କାନାଡା ଗସ୍ତରେ ଯିବେ ଶ୍ରୀ ମୋଦୀ

- ୯୦ ଦିନ ମଧ୍ୟରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ରାଜ୍ୟ ରିଲିଫ୍ କମିଶନରଙ୍କୁ ନିର୍ଦ୍ଦେଶ ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ଜନଗଣନା ନିମନ୍ତେ ପ୍ରକାଶ ପାଇଲା ବିଜ୍ଞପ୍ତି ।

- ରାଜକୋଟଠାରେ ଆଜି ସନ୍ଧ୍ୟାରେ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କର ହେବ ଶେଷକୃତ୍ୟ

ଏବଂ

- ବର୍ଷକୁ ୨ଥର ହେବ ନର୍ସିଂ ଅଧିକାରୀ ନିଯୁକ୍ତି ନିମନ୍ତେ ସାଧାରଣ ଯୋଗ୍ୟତା ପରୀକ୍ଷା ।

# ପିଏମ୍-ସାଇପ୍ରସ୍

ସାଇପ୍ରସ୍ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକୋସିଆସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋ ଡୋଲିଡେସ୍ ଙ୍କ ସହ ଆଜି ସାକ୍ଷାତ ଆଲୋଚନା କରିଛନ୍ତି । ପୂର୍ବରୁ ରାଷ୍ଟ୍ରପତି ଭବନରେ ଶ୍ରୀ ମୋଦୀଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଦୁଇ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ଏବଂ ସହଯୋଗର ନୂତନ ମାର୍ଗ ଉନ୍ମୋଚନ କରିବା ନେଇ ଆଲୋଚନା ହୋଇଛି । ବାଣିଜ୍ୟ, ନିବେଶ, ଭିତ୍ତିଭୂମି ଏବଂ ନବସୃଜନ କ୍ଷେତ୍ରରେ ପ୍ରତିନିଧି ମଣ୍ଡଳସ୍ତରୀୟ ଆଲୋଚନାରେ ଉଭୟ ନେତା ଅଂଶ ଗ୍ରହଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସାଇପ୍ରସ୍ ଗଣରାଜ୍ୟର ସର୍ବୋଚ୍ଚ ନାଗରିକ ସମ୍ମାନ **ଗ୍ରାଣ୍ଡ୍ କଲାର ଅଫ୍ ଦି ଅର୍ଡର ଅଫ୍ ମାକାରିଓସ୍-୩** ପ୍ରଦାନ କରାଯାଇଛି । ଏହି ସମ୍ମାନ ଗ୍ରହଣ କରି ପ୍ରଧାନମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରିଛନ୍ତି । ସମ୍ବର୍ଦ୍ଧନାର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି : **V/O**

ଭାରତ-ୟୁରୋପୀୟ ୟୁନିୟନ୍ ସଂପର୍କ ଏବଂ ଭାରତ-ମଧ୍ୟପ୍ରାଚ୍ୟ ୟୁରୋପ ଅର୍ଥନୈତିକ କରିଡର ସମେତ ବିଭିନ୍ନ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ନେଇ ମତ ବିନିମୟ ହୋଇଛି ।

ରାଷ୍ଟ୍ରପତି ଭବନରେ ପ୍ରଧାନମନ୍ତ୍ରୀଙ୍କ ସମ୍ମାନାର୍ଥେ ଏକ ମଧ୍ୟାହ୍ନ ଭୋଜିସଭାର ଆୟୋଜନ କରାଯାଇଛି । ଏହା ପରେ ପ୍ରଧାନମନ୍ତ୍ରୀ G-7 ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ କାନାଡା ଗସ୍ତରେ ଯିବେ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ନିକୋସ୍ ଗତକାଲି ଲିମାସୋଲ୍‌ଠାରେ ଉଭୟ ଦେଶର ବ୍ୟବସାୟ ଗୋଷ୍ଠୀଙ୍କର ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଇଥିଲେ । ଜିଏସ୍‌ଟି କାର୍ଯ୍ୟକାରୀ ହେବା ଦ୍ୱାରା ଏକ ରାଷ୍ଟ୍ର-ଏକ ଟିକସ ବ୍ୟବସ୍ଥା ଦେଶରେ ପ୍ରଚଳନ ହୋଇପାରିଛି । ଭାରତରେ ଜାହାଜ ଚଳାଚଳ, କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର, ଫିନ୍‌ଟେକ୍ ଏବଂ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ନିବେଶ ନିମନ୍ତେ ଯଥେଷ୍ଟ ସୁଯୋଗ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଭାରତର ୟୁପିଆଇ ପେମେଣ୍ଟ୍ ପ୍ଲାଟଫର୍ମ ସହିତ ସଂଶ୍ଳିଷ୍ଟ ହେବାକୁ ସାଇପ୍ରସ୍ ସମ୍ମତି ଜଣାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

---

## ଏଚ୍‌ଏମ୍-କନ୍‌ଫରେନ୍ସ

ଆସନ୍ତା ୯୦ ଦିନ ମଧ୍ୟରେ ପ୍ରତ୍ୟେକ ଜିଲ୍ଲା ପାଇଁ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରାଜ୍ୟ ରିଲିଫ୍ କମିଶନରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନୂଆଦିଲ୍ଲୀଠାରେ ଆଜି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ରିଲିଫ୍ କମିଶନର ତଥା ବିପର୍ଯ୍ୟୟ ପ୍ରଶମନ ବାହିନୀର ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଶାହା ଏହା କହିଛନ୍ତି । ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାସ୍ତରରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବା ଗୁରୁତ୍ୱପୂର୍ଣ୍ଣ । ସରକାର ବିପର୍ଯ୍ୟୟ ମୁକାବିଲା ସହ ଶୂନ୍ୟ ଜୀବନ ହାନୀକୁ ସୁନିଶ୍ଚିତ କରିବାକୁ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

**V/O (Shah)**

ଗତ ୧୦ବର୍ଷ ମଧ୍ୟରେ ଦକ୍ଷତା ପ୍ରଦର୍ଶନ ଏବଂ ସଠିକ୍‌ତା କ୍ଷେତ୍ରରେ ଭାରତ ସଫଳତା ହାସଲ କରିଛି । ଜଳବାୟୁ ପରିର୍ତ୍ତନ ଓ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ସୃଷ୍ଟ ବିପର୍ଯ୍ୟୟ ଚିନ୍ତାର କାରଣ ପାଲଟିଛି ବୋଲି ସେ କହିଛନ୍ତି । ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ-ଏନ୍‌ଡିଏମ୍‌ଏ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ-ଏନ୍‌ଡିଆରଏଫ୍ ଏବଂ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମିକୁ ବିକଶିତ କରିବା ପାଇଁ ଗତ ୧୦ବର୍ଷ ମଧ୍ୟରେ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ।

---

## ଧନଖଡ଼-ପୁଡୁଚେରୀ

ପୁଡୁଚେରୀ ସ୍ଥିତ ଜିପ୍‌ମର୍‌ର ଏ.ପି.ଜେ. ଅବଦୁଲ୍ କଲାମ୍ ଅଡିଟୋରିୟମ୍ ଠାରେ **ରାଷ୍ଟ୍ର ଗଠନରେ ପରିବେଶଗତ ସ୍ଥିରତା** ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଜି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଯୋଗଦେବେ । ଶ୍ରୀ ଧନଖଡ଼ ତିନି ଦିନିଆ ଗସ୍ତରେ ଯାଇ ଗତକାଲି ପୁଡୁଚେରୀ ଠାରେ ପହଞ୍ଚିଛନ୍ତି । ଅପରାହ୍ଣ ୪ଟାରୁ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ନିରନ୍ତର ବିକାଶ ନେଇ ଆଲୋଚନା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ ଜିପ୍‌ମର୍ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମରେ ଯୋଗଦେବେ । ଏକ୍ ପେଡ୍ ମା' କେ ନାମ୍ ଅଭିଯାନ ଅଧୀନରେ ଉପରାଷ୍ଟ୍ରପତି ଚାରା ରୋପଣ କରିବେ । ଆସନ୍ତାକାଲି ଉପରାଷ୍ଟ୍ରପତି ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଯିବେ ।

---

## ଗମେଣ୍ଟ୍ ସେନ୍‌ସସ୍

ଜନଗଣନା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଆଜି ଜାରି କରାଯାଇଥିବା ଏହି ବିଜ୍ଞପ୍ତିରେ କୁହାଯାଇଛି ୨୦୨୭

ମାର୍ଚ୍ଚ ପହିଲା ସୁଦ୍ଧା ଜନଗଣନା କାର୍ଯ୍ୟ ଶେଷ କରାଯିବ । ତେବେ ଲଦାଖ, ଜାମ୍ମୁ କାଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ୨୦୨୬ ଅକ୍ଟୋବର ପହିଲାକୁ ଶେଷ ତାରିଖ ଭାବେ ଗ୍ରହଣ କରାଯାଇଛି । ଏ ସଂପର୍କରେ ଏକ ରିପୋର୍ଟ :

**V/O**

ସୂଚନାଯୋଗ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗତକାଲି ନୂଆଦିଲ୍ଲୀଠାରେ ଜନଗଣନା ନିମନ୍ତେ ପ୍ରସ୍ତୁତିର ସମୀକ୍ଷା କରିଥିଲେ।

---

## ଗୁଜରାଟ-ରୁପାନୀ

ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ପାର୍ଥିବ ଶରୀରକୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଡିଏନ୍ଏ ପରୀକ୍ଷଣ ପରେ ମୃତ ଶରୀର ଚିହ୍ନଟ କରାଯାଇ ହସ୍ପିଟାଲ କର୍ତ୍ତୃପକ୍ଷ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଗୁଜରାଟ ସରକାର ରୁପାନୀଙ୍କ ପରଲୋକରେ ଆଜି ରାଜ୍ୟ ଶୋକ ପାଳନ କରୁଛନ୍ତି । ରାଜ୍ୟର ସମସ୍ତ ସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଅର୍ଦ୍ଧନମିତ ରହିଛି। ସନ୍ଧ୍ୟାରେ ରାଜକୋଟ୍‌ଠାରେ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ରୁପାନୀଙ୍କର ଶେଷକୃତ୍ୟ ସଂପନ୍ନ ହେବ। ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

---

## ଇରାନ୍-ଇସ୍ରାଏଲ୍ କନ୍‌ଫ୍ଲିକ୍ଟ

ଇରାନର ଆକ୍ରମଣରେ ଆଜି ଇସ୍ରାଏଲ୍‌ର ଏକ ତୈଳ ବିଶୋଧନାଗାର ଏବଂ ପାୱାର ଗ୍ରୀଡ୍ କ୍ଷତିଗ୍ରସ୍ତ ହୋଇଛି । ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ସଂଘର୍ଷ ଚତୁର୍ଥ ଦିନରେ ପହଞ୍ଚିଛି । ଆକ୍ରମଣ ଏବଂ ପ୍ରତିଆକ୍ରମଣରେ ଉଭୟ ପକ୍ଷର ବହୁ

ଲୋକ ମୃତାହତ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଦେଇଥିବା ସୂଚନା ଅନୁଯାୟୀ, ଇରାନୀ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍ ର ଏକ ଗୁପ୍ତ ଶାଖା କୁଦସ୍ ଫୋର୍ସ ଶିବିର ଗୁଡ଼ିକୁ ଲକ୍ଷ୍ୟ କରି ଇସ୍ରାଏଲ୍ ପକ୍ଷରୁ ଆକ୍ରମଣ କରାଯାଇଛି । ଇସ୍ରାଏଲ୍‌ର ଜାତୀୟ ଜରୁରୀକାଳୀନ ସେବା ବିଭାଗ ଦେଇଥିବା ସୂଚନା ଅନୁଯାୟୀ, ଇରାନ ଆକ୍ରମଣରେ ପେଟାହ ଟିକ୍‌ଭା ସହରରେ ୩ ଜଣ ଏବଂ ବେନିକ୍ରାକ୍ ସହରରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ଏଥିସହ ଇରାନ ଆକ୍ରମଣରେ ଇସ୍ରାଏଲ୍‌ରେ ମୃତ୍ୟୁ ସଂଖ୍ୟା ୨୦କୁ ବୃଦ୍ଧି ପାଇବା ସହ ୩୮୦ ଜଣ ଆହତ ହୋଇଛନ୍ତି । ଅନ୍ୟପକ୍ଷରେ ଇସ୍ରାଏଲ୍ ଆକ୍ରମଣରେ ଇରାନରେ ଅତିକମ୍‌ରେ ୨୨୪ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୨ଶହରୁ ଅଧିକ ଆହତ ହୋଇଛନ୍ତି । ଇରାନ କହିଛି, ଇସ୍ରାଏଲ୍ ସହ ସଂଘର୍ଷ ଚାଲିଥିବା ବେଳେ ଯୁଦ୍ଧ ବିରତି ନେଇ ଆଲୋଚନାର କୌଣସି ସମ୍ଭାବନା ନାହିଁ । ଇସ୍ରାଏଲ୍ ମଧ୍ୟ ଏହି ପରିସ୍ଥିତିରୁ ପଛଘୁଞ୍ଚା ଦେବାକୁ ଅଗ୍ରାହ୍ୟ କରିଦେଇଛି ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସାଇବର ଠକେଇ: ଅନ୍‌ଲାଇନ୍‌ରେ କିପରି ସୁରକ୍ଷିତ ରହିବେ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ନିର୍ଦ୍ଦେଶକ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ବାଦଲ କୌଶିକ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞ ଗୁଲସନ ରାଇ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044

ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଏକ୍‌ଜାମ

ନର୍ସିଂ ଅଧିକାରୀ ନିଯୁକ୍ତି ନିମନ୍ତେ ସାଧାରଣ ଯୋଗ୍ୟତା ପରୀକ୍ଷା NORCET ଏଣିକି ବର୍ଷକୁ ୨ଥର ଅନୁଷ୍ଠିତ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କହିଛି । ଏଭଳି ପଦକ୍ଷେପ ସମୟୋଚିତ ନିଯୁକ୍ତି ଏବଂ ନିରବଚ୍ଛିନ୍ନ ରୋଗୀସେବାକୁ ସୁନିଶ୍ଚିତ କରିବ । ଏମ୍‌ସ ଓ ମନ୍ତ୍ରଣାଳୟର ରଣନୈତିକ ସମନ୍ୱିତ ଯୋଜନା ଆଧାରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ, ପୂର୍ବରୁ ଏହି ପରୀକ୍ଷା ବର୍ଷକୁ ଥରଟିଏ ପାଇଁ କରାଯାଉଥିଲା । ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ପ୍ରତିଷ୍ଠିତ ନୂତନ ଏମ୍‌ସ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ର ସରକାରୀ ହସ୍ପିଟାଲଗୁଡ଼ିକ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥାଏ ।